ଓଡ଼ିଶା ରାଜ୍ୟ ଏବଂ ଅନ୍ୟମାନେ

ବନାମ

ଶ୍ରୀ ରାମନାଥ ପଟନାଏକ

ଏପ୍ରିଲ 2, 1997

[କେ. ରାମାସ୍ୱାମୀ ଏବଂ ଡି.ପି. ୱାଧୱା, ନ୍ୟାୟମୂର୍ତ୍ତି ଦ୍ୱୟ]

*ସେବା ଆଇନ—କର୍ମଚାରୀ—ଜନ୍ମ ତାରିଖ—ସଂଶୋଧନ—ବିଦ୍ୟାଳୟ ପ୍ରମାଣପତ୍ର ଆଧାରରେ ଜନ୍ମ ତାରିଖ ନଥିଭୁକ୍ତ—ସେବା ନିବୃତ୍ତି—ପରବର୍ତ୍ତୀ ସମୟରେ ସଠିକ ଜନ୍ମ ତାରିଖ ଘୋଷଣା ପାଇଁ ମକଦ୍ଦମା ଦାଏର—ବିଚାର କରୁଥିବା ନ୍ୟାୟାଳୟ ଦ୍ୱାରା ମକଦ୍ଦମାର ଖାରଜ—ପ୍ରଥମ ପୁନର୍ବିଚାର କରୁଥିବା ନ୍ୟାୟାଳୟ ଦ୍ୱାରା ମକଦ୍ଦମାର ଫଏସଲା—ରାଜ୍ୟ ଦ୍ୱାରା ଆଗତ ହୋଇଥିବା ଦ୍ୱିତୀୟ ଆବେଦନ ଉଚ୍ଚ ନ୍ୟାୟାଳୟ ଦ୍ୱାରା ଖାରଜ—ସର୍ବୋଚ୍ଚ ନ୍ୟାୟାଳୟରେ ଆବେଦନ—କର୍ମଚାରୀ ଦ୍ୱାରା ସେ ଚାକିରିରେ ଥିବାବେଳେ ନଥିକୁ ସଂଶୋଧନ କରିବାକୁ କୌଣସି ପ୍ରୟାସ କରାଯାଇନଥିବା ଦର୍ଶାଇ—ପରବର୍ତ୍ତୀ ସମୟରେ ଉପସ୍ଥାପିତ ହୋଇଥିବା କୌଣସି ପ୍ରମାଣର କୌଣସି ଲାଭ ହେବ ନାହିଁ—ତେଣୁ ଉଚ୍ଚ ନ୍ୟାୟାଳୟ ଦ୍ୱିତୀୟ ଆବେଦନକୁ ଗ୍ରହଣ କରିବାକୁ ମନା କରି ଆଇନର ସ୍ପଷ୍ଟ ତ୍ରୁଟି କରିଛନ୍ତି ।*

*ତାମିଲନାଡୁ ରାଜ୍ୟ ବନାମ ଟି.ଭି. ବେଣୁଗୋପାଳନ୍,* **[1994] 6 SCC 302, ଉଲ୍ଲେଖ କରାଯାଇଛି ।**

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 2673/1986 ।

ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଏସ୍.ଏ. ସଂଖ୍ୟା. 295/1985 ରେ ତା 21.2.86 ରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀମାନଙ୍କ ନିମିତ୍ତ ପି.ଏନ୍. ମିଶ୍ର ।

ପ୍ରତିବାଦୀଙ୍କ ନିମିତ୍ତ ଏନ୍.ଆର୍. ଚୌଧରୀ ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଏହି ଆବେଦନ ସ୍ୱତନ୍ତ୍ର ଅନୁମତି ଦ୍ୱାରା ପ୍ରାରମ୍ଭରୁ ଦ୍ୱିତୀୟ ଆବେଦନକୁ ଖାରଜ କରି ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଜ୍ଞ ଏକକ ନ୍ୟାୟାଧୀଶଙ୍କ ଦ୍ୱିତୀୟ ଆବେଦନ ସଂଖ୍ୟା 767/81 ରେ ଫେବୃଆରୀ 21, 1986 ର ରାୟରୁ ଉତ୍ପନ୍ନ ହୋଇଛି ।

ସ୍ୱୀକାରଯୋଗ୍ୟ, ପ୍ରତିବାଦୀ 21.3.1944 ରେ ଜଣେ କିରାଣୀ ଭାବରେ ରାଜ୍ୟ ସେବାରେ ଯୋଗ ଦେଇଥିଲେ । ଚାକିରିରେ ପ୍ରବେଶ ସମୟରେ ଉପସ୍ଥାପିତ ମାଧ୍ୟମିକ ଶିକ୍ଷା ପ୍ରମାଣପତ୍ର ଅନୁଯାୟୀ ତାଙ୍କର ଜନ୍ମ ତାରିଖ ଜାନୁଆରୀ 1, 1921 ଅଟେ । ସେବା ନିବୃତ୍ତି ସମୟ ହେବା ପରେ, ସେ 31.12.1976 ରେ ଚାକିରିରୁ ଅବସର ନେଇଥିଲେ । ତାଙ୍କର ସଠିକ ଜନ୍ମ ତାରିଖ ଜାନୁଆରୀ 1, 1921 ନୁହେଁ, ବରଂ ଜାନୁଆରୀ 1, 1925 ବୋଲି

ଘୋଷଣା କରିବା ପାଇଁ ତାଙ୍କ ଆବେଦନକୁ ପ୍ରତ୍ୟାଖ୍ୟାନ କରିବା ଆଧାରରେ ସେ 1981 ମସିହାରେ ଏକ ମକଦ୍ଦମା ଦାଖଲ କରିଥିଲେ । ବିଚାର କରୁଥିବା ନ୍ୟାୟାଳୟ ଏହି ମକଦ୍ଦମାକୁ ଖାରଜ କରିଦେଇଥିଲେ, କିନ୍ତୁ ଆବେଦନ ପରେ ଭୁବନେଶ୍ୱରର ଅତିରିକ୍ତ ଜିଲ୍ଲା ନ୍ୟାୟାଧୀଶ ଏହି ମକଦ୍ଦମାର ଫଏସଲା କରିଥିଲେ । ପୂର୍ବରୁ କୁହାଯାଇଥିବା ଅନୁଯାୟୀ, ଦ୍ୱିତୀୟ ଆବେଦନକୁ ଉଚ୍ଚ ନ୍ୟାୟାଳୟ ଖାରଜ କରିଦେଇଥିଲେ । ତେଣୁ ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଆବେଦନ କରାଯାଇଛି ।

ଏହି ବିବାଦ ଏବେ *ଅନିର୍ଣ୍ଣୀତ ବସ୍ତୁ* ହୋଇ ରହିନାହିଁ । ଏହି ନ୍ୟାୟାଳୟ *ତାମିଲନାଡୁ ରାଜ୍ୟ ବନାମ ଟି.ଭି. ବେଣୁଗୋପାଳନ୍* [1994] 6 SCC 302 ମାମଲାରେ ଏହି ପ୍ରସଙ୍ଗରେ ସମଗ୍ର ନିର୍ଣ୍ଣୟ ଆଇନ ଉପରେ ବିଚାର କରିଛନ୍ତି । ସେଥିରେ, ଏହି ନ୍ୟାୟାଳୟ ଏହିପରି ରାୟ ଦେଇଛନ୍ତି:

> "ଏହା ସର୍ବଜନବିଦିତ ଯେ ସରକାରୀ କର୍ମଚାରୀ ସେବାରେ ପ୍ରବେଶ କରିବା ପରେ ସରକାରୀ କର୍ମଚାରୀଙ୍କ ଦ୍ୱାରା ପ୍ରତି-ସ୍ୱାକ୍ଷରିତ ହେବା ପରେ ସେବା ଅଭିଲେଖ ଖୋଲାଯିବ । ବିଦ୍ୟାଳୟର ଅଭିଲେଖରେ ନଥିଭୁକ୍ତ କରାଯାଇଥିବା ଜନ୍ମ ତାରିଖ, ସେବା ଅଭିଲେଖରେ ପ୍ରବେଶ କରିବା ପାଇଁ ତଥ୍ୟର ଉତ୍ସ ଅଟେ ।"

ଯେତେବେଳେ ସେବା ଅଭିଲେଖରେ ପ୍ରବେଶ କରାଯାଇଥିଲା ଏବଂ ଯେତେବେଳେ ସେ ସେବାରେ ଥିଲେ, ସେ ସେବା ଅଭିଲେଖକୁ ସଂଶୋଧନ କରିବାକୁ କୌଣସି ପ୍ରୟାସ କରିନଥିଲେ । ତେଣୁ ପରବର୍ତ୍ତୀ ସମୟରେ ଉପସ୍ଥାପିତ ଯେକୌଣସି ପରିମାଣର ପ୍ରମାଣର କୌଣସି ଲାଭ ହେବ ନାହିଁ । ତେଣୁ ଉଚ୍ଚ ନ୍ୟାୟାଳୟ ଦ୍ୱିତୀୟ ଆବେଦନକୁ ଗ୍ରହଣ କରିବାକୁ ମନା କରି ଆଇନର ସ୍ପଷ୍ଟ ତ୍ରୁଟି କରିଛନ୍ତି ।

ତଦନୁସାରେ ଆବେଦନକୁ ଅନୁମତି ଦିଆଯାଇଛି । ଉଚ୍ଚ ନ୍ୟାୟାଳୟଙ୍କ ରାୟକୁ ରଦ୍ଦ କରିଦିଆଯାଇଛି । ପୁନର୍ବିଚାର କରୁଥିବା ନ୍ୟାୟାଳୟର ରାୟ ଏବଂ ଫଏସଲା ଖଣ୍ଡନ ହୋଇଛି ଏବଂ ବିଚାର କରୁଥିବା ନ୍ୟାୟାଳୟରେ ତାହା ନିଶ୍ଚିତ ହୋଇଛି । କୌଣସି ଖର୍ଚ୍ଚ ନାହିଁ ।

ଟି.ଏନ୍.ଏ.                                                  ଆବେଦନକୁ ଅନୁମତି ଦିଆଯାଇଛି ।

## ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଅନୁବାଦକ : ଶ୍ରୀ ଗୁଣନିଧି ମହାନ୍ତ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ